## ସଂକ୍ଷେପରେ

### ଛେଳି ଚୋରି ମାମଲାରେ ଅଭିଯୁକ୍ତ ଗିରଫ

**ଆସିକା,୨୯।୭(ଡି.ଏନ୍.ଏ): ** ଗାଙ୍ଗପୁର ଥାନା ପଳାସପଲ୍ଲୀ ଗ୍ରାମରେ ରବିବାର ଛେଳି ମାଂସ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କୁ ଚୋର ସନ୍ଦେହରେ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଥିଲେ। ସୋମବାର ଅପରାହ୍ନରେ ପୋଲିସ ଅଟକ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି। ଗିରଫ ଜଣକ ହେଲେ ଏହି ଥାନା ଖାରିଆଗୁଡା ଗ୍ରାମର ସନ୍ତୋଷ ନାଇକ। ପ୍ରକାଶ ଯେ, ଶନିବାର ରାତିରେ ପଳାସପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୁହାଳରୁ ଗୋଟିଏ ଛେଳି ଓ ବୋଦା ଚୋରି ହୋଇଥିଲା। ରବିବାର ଅଭିଯୁକ୍ତ ଜଣକ ସାଇକଲରେ ବୁଲି ଛେଳି ମାଂସ ବିକ୍ରି କରୁଥିବା ବେଳେ ପଳାସପଲ୍ଲୀ ଗ୍ରାମବାସୀ ତାଙ୍କୁ ଛେଳି ଚୋର ସନ୍ଦେହରେ ଧରି ପୋଲିସରେ ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୧୨୧/୧୯ରେ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ଫେରାର ଥିବା ଅନ୍ୟ ୨ ଜଣ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### ମହିଳାଙ୍କ ମୃତ୍ୟୁ

**ଆସିକା,୨୯।୭(ଡି.ଏନ୍.ଏ): ** ଆସିକା ଥାନାର କୋଟିନଡା ଫାଣ୍ଡି ହରିଡ଼ାପଦର ଗ୍ରାମର ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ହେଲେ ସୁକ୍ତା ନାୟକ (୩୦)। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ସୁକ୍ତା ପିନ୍ଧିଥିବା ଶାଢ଼ୀକୁ ଫ୍ୟାନ୍‌ରେ ବାନ୍ଧି ଝୁଲୁଥିବା ଅବସ୍ଥାରେ ପରିବାର ପକ୍ଷରୁ ଉଦ୍ଧାର କରାଯାଇଥିବା କୁହାଯାଇଛି। ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ପୀତବାସ ଧାରୁଆ କହିଛନ୍ତି।

### ସଂଗଠନ ପର୍ବ ସଦସ୍ୟତା ଅଭିଯାନ

**କନିଷି,୨୯।୭(ଡି.ଏନ.ଏ.): ** ଗୋଳନ୍ଥରା ଗ୍ରାମସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ସଂଗଠନ ପର୍ବ ସଦସ୍ୟତା ଅଭିଯାନ ବିସ୍ତାରକ ପ୍ରଶିକ୍ଷଣ ବର୍ଗ ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ରାଜ୍ୟ ଏବଂ ରାଷ୍ଟ୍ରୀୟ ସ୍ତରର ନେତା ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତି ବୁଥ୍‌ରେ କିଭଳି ଅଧିକରୁ ଅଧିକ ନୂତନ ସଦସ୍ୟ ସଂଗ୍ରହ କରାଯାଇପାରିବ ସେନେଇ ପ୍ରତି ମଣ୍ଡଳର ଜଣେ ପ୍ରମୁଖ ଏବଂ ସହ ପ୍ରମୁଖ, ପ୍ରତି ୱାର୍ଡର ଜଣେ ବିସ୍ତାରକଙ୍କୁ ନିଯୁକ୍ତି ଦିଆଯାଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀର ଏନ୍‌ଏସି, ରଙ୍ଗେଇଲୁଣ୍ଡା ବ୍ଲକ ଓ କୁକୁଡ଼ାଖଣ୍ଡି ବ୍ଲକରୁ ପ୍ରାୟ ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଶିକ୍ଷଣ ବର୍ଗ ହୋଇଥିଲା। ଏଥିରେ ଭାଜପାର ନୂତନ ସଦସ୍ୟତା ଅଭିଯାନର ରାଜ୍ୟ ସହ ପ୍ରଭାରୀ ଶାରଦା ପ୍ରସାଦ ଶତପଥୀ ଯୋଗଦେଇ ଥିଲେ। ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତି, ଗଙ୍ଗାଧର ଶତପଥୀ, ବଣ୍ଟି ସାହୁ, ରାଜେଶ ସାହୁ, ଯୁଧିଷ୍ଠିର ନାୟକ, ସୁନୀଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କର୍ମ ନିଯୁକ୍ତି ମେଳା

**ଜଗନ୍ନାଥପ୍ରସାଦ,୨୯।୭(ଡି.ଏନ.ଏ.): ** ଜଗନ୍ନାଥପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପ୍ରଶିକ୍ଷଣ ପାଇବାର ସୁବିଧା ସହ କର୍ମ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ସମସ୍ତ ପଞ୍ଚାୟତରୁ ବହୁ ସଂଖ୍ୟକ ବେକାର ଯୁବତୀ ଯୁବକ ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ଅଶୋକ କୁମାର ବେଉରିଆ, କିଟର ସଦାଶିବ ମହାନ୍ତି, ମନୋରଞ୍ଜନ ରାଉତ, ପବିତ୍ର ମୋହନ ବଳଙ୍କ ସମେତ ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ବ୍ଲକ ଉପଧକ୍ଷ ହିମାଂଶୁ ଶେଖର ବାରିକ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ବେହେରା, ବୁଦ୍ଧିଜୀବୀ ପ୍ରଦୀପ୍ତ କିଶୋର ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବନିମ୍ନ ଯୋଗ୍ୟତା ଅଷ୍ଟମ ଯାଏ ଥିବା ବେଳେ ୩୫ ବୟସ ବ୍ୟକ୍ତି ମଧ ଏଥିରେ ଆବେଦନ କରିପାରିବେ ବୋଲି କହିଥିଲେ। ଏଥିରେ ବ୍ଲକର ସମସ୍ତ ସରପଞ୍ଚ, ଅଧକ୍ଷଙ୍କ ପ୍ରତିନିଧି ଅନାଦି ବେହେରା, ଭାଗୀରଥି ମାଝି, ସ୍ଥାନୀୟ ସରପଞ୍ଚ ଦେବୀ ପ୍ରସାଦ ମହାପାତ୍ର, ଓଡ଼ିଆ ଜୀବିକା ମିଶନ ସଂଯୋଜକ ଦେବୀ ପ୍ରସାଦୀ ବେହେରା ସହଯୋଗ କରିଥିଲେ।

■ ଚାଲିଛି ବେଆଇନ ପଥର ଫୁଟା, ବିପୁଳ ରାଜସ୍ୱ ହାନୀ

# ଦୁର୍ଘଟଣା ପରେ ଚଢ଼ାଉ, ୬ ଗିରଫ

**ଭଞ୍ଜନଗର,୨୯।୭(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଅନେକ ପଥର କ୍ୱାରୀ ବିଭିନ୍ନ କାରଣ ଯୋଗୁ ନିଲାମ ହୋଇପାରୁନାହିଁ। ଏହାର ସୁଯୋଗ ନେଇ ପଥର ମାଫିଆ ବେନିୟମ ଭାବେ ପାହାଡ଼ରୁ ପଥର ଫୁଟାଇ ଚୋରାରେ ବିକ୍ରି କରୁଛନ୍ତି। ଏହାକୁ କେତେଜଣ ଅସାଧୁ ସରକାରୀ କର୍ମଚାରୀ ସହଯୋଗ କରୁଛନ୍ତି। ଫଳରେ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ହେଉଥିବାବେଳେ ମାଫିଆ ମାଲାମାଲ ହେଉଛନ୍ତି। ପଥର ଫୁଟାଇବାରେ ବେନିୟମ ଭାବେ ଡିଟୋନେଟର ବ୍ୟବହାର ହେଉଛି। ଆସିକା ନିକଟସ୍ଥ ମାଗୁଡ଼ା ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ଡ଼ିଟୋନେଟର ଫୁଟି ୨ ଛାତ୍ର ଆହତ ହୋଇଥିଲା। ଏହାପରେ ଜିଲା ପୋଲିସ ଓ ପ୍ରଶାସନ ତତ୍ପର ହୋଇ ବେନିୟମ ଡ଼ିଟୋନେଟର



ଜବତ ବିସ୍ଫୋରକ ଦ୍ରବ୍ୟ।

## ୧୭୫ ଡିଟୋନେଟର ଜବତ

ମହଜୁଦ୍‌କାରୀ ଓ ବ୍ୟବହାରକାରୀଙ୍କୁ ଗିରଫ କରିବାକୁ ଯୋଜନା କରିଥିଲେ। ତାରସିଂ ପୋଲିସ ରବିବାର ଅପରାହ୍ନରେ ଡ଼ିଟୋନେଟର ବ୍ୟବହାର କରି ବେନିୟମ ପଥର ଫୁଟାଇବା ଅଭିଯୋଗରେ ସମରବନ୍ଧରୁ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାମଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ପଟ୍ଟନାୟକ, ଅରୁଣ ବିଷୋୟୀ, ବାଳକୃଷ୍ଣ ନାୟକ, ସରୋଜ ରାଉତ ଓ ଟୁଟୁ ରାଉତ। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ୧୭୫ ଡିଟୋନେଟର, ୧୦୦ କେଜି ୟୁରିଆ ସାର, ଗୋଟିଏ ଟ୍ରାକ୍ଟର ସହ କମ୍ପ୍ରେସର, ଡ୍ରିଲ୍ ମେଶିନ, ୧୮ ଲୁହା ରଡ଼ ଜବତ କରାଯାଇଛି। ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର ଏହି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ସମରବନ୍ଧ ଅଞ୍ଚଳରେ ଏକ ପଥର କ୍ୱାରୀରେ ବେଆଇନ ଭାବେ ପଥର ଫୁଟା ଚାଲିଥିବା ଖବର ପାଇ ତାରସିଂ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଥିଲେ।

■ ସାଢ଼େ ୯ କୁଇଣ୍ଟାଲ ଗଞ୍ଜେଇ ଜବତ ଘଟଣା

# ପୁଣି ଗଞ୍ଜେଇ ଚାଲାଣ ଗାଡ଼ି ମାଲିକ ଗିରଫ



ଗାଡି ସହ ଗିରଫ ରୂପେଶ।

**ଫୁଲବାଣୀ ଅଫିସ, ୨୯।୭**

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ବାଲନ୍ଦାପଡା ଫାଣ୍ଡି ଅଞ୍ଚଳରେ ପୋଲିସ ୨୧ ତାରିଖରେ ଏକ ଗାଡିରୁ ୯ କୁଇଣ୍ଟାଲ ୫୪ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ୨ ଜଣଙ୍କୁ ଧରିଥିବାବେଳେ ଗାଡି ଜବତ କରିଥିଲେ। ପରେ ସେମାନେ ଫେରାର ହୋଇ ଯାଇଥିଲେ। ସେମାନଙ୍କ ଫେରାର ପଛରେ କେତେଜଣ ପୋଲିସ କର୍ମଚାରୀଙ୍କ ହାତଥିବା ଓ ଅର୍ଥନେଇ ଛାଡି ଦେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିପାରି ନ ଥିବାବେଳେ ଜବତ ହୋଇଥିବା ଗାଡିର ମାଲିକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ଏକ ଇନୋଭାରେ ୫୦ କେଜି ଗଞ୍ଜେଇ ନେଇ ଯାଉଥିବବେଳେ ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ କଳାହାଣ୍ଡି ଜିଲା ଆମପାଣି ଥାନା ଡାବ୍ରିଗୁଡାର ରୁପେଶ ସିଂ ବେଶ୍ରା।

ପୋଲିସ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଧରପଗଡ କରୁଥିବାବେଳେ, ଥାନାଧିକାରୀ ଚିତ୍ତ ରଞ୍ଜନ ବେହେରା ଏହାର ନେତୃତ୍ୱ ନେଇଥିଲେ। ବାଲନ୍ଦାପଡା ଅଞ୍ଚଳରେ ପାଟ୍ରୋଲିଂ ବେଳେ ଏକ ଇନୋଭା(ନଂ.ଓଡି୧୭ଏ-୦୦୦୬) ସୁଟାଣି ଘାଟିରେ ଯାଉଥିଲ। ଯାଞ୍ଚବେଳେ ସେଥିରୁ ୫୦ କେଜି ଗଞ୍ଜେଇ ମିଳିଥିଲା। ପଚରାଉଚରା କରିବାରୁ ରୂପେଶ ପୂର୍ବରୁ ଜବତ ହୋଇଥିବା ଗାଡିର ମାଲିକ ବୋଲି ଜଣାପଡିଥିଲା। ଏ ନେଇ ନଂ.୪୨/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଥାନାଧିକାରୀଙ୍କୁ ପଚାରିବାରୁ ଅନ୍ୟମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି, ଅଟକ ଯୁବକ ଫେରାର ଘଟଣାର ମଧ ତଦନ୍ତ ଚାଲିଛି। ଏନେଇ ଏସ୍‌ପିଙ୍କୁ ଖୁବ୍‌ଶୀଘ୍ର ରିପୋର୍ଟ ଦିଆଯିବ ବୋଲି କହିଛନ୍ତି।

# ନିର୍ମାଣ ହେଲା ଧୋଇଯାଇଥିବା ଡାଇଭର୍ସନ ରୋଡ



ଡାଇଭର୍ସନ ରୋଡ ନିର୍ମାଣ ଚାଲିଛି।

**ତୁମୁଡିବନ୍ଧ,୨୯।୭(ଡି.ଏନ୍.ଏ.)**

## ୪୮ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ

ଦୀର୍ଘ ୪୮ଘଣ୍ଟା ପରେ ସୋମବାର ମୁନିଗୁଡା-ଭବାନୀପାଟଣା ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି। ଫଳରେ ୩ଦିନ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଭାରିଯାନ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରୁ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ଯୋଗୁ ୫୯ନଂ. ଜାତୀୟ ରାଜପଥର ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ ଓ ମଣ୍ଡଳପଦର ନିକଟରେ ଥିବା ଦୁଇଟି ଡାଇଭର୍ସନ ରୋଡ ଧୋଇଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ୩ଦିନ ହେଲା ଅଟକି ରହିଥିଲା। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାଠାରେ ଉକ୍ତ ଡାଇଭର୍ସନ ରୋଡ ପୁନର୍ବାର ନିର୍ମାଣ ପରେ ଗାଡି ଚଳାଚଳ ହୋଇଥିଲା। ଆନ୍ଧ୍ରପ୍ରଦେଶ, ରାୟଗଡା, ବ୍ରହ୍ମପୁରଗାଡି ଗୁଡିକର କର୍ମଚାରୀମାନେ ୩ଦିନ ହେଲା ତୁମୁଡିବନ୍ଧର ବିଭିନ୍ନ ଲଜ୍, ଘର ଭଡା ନେଇ ରହିଥିବାବେଳେ କେତେକ ଚାଳକ ଉପୁଟାଣି ରହିଥିବା ଦେଖିବାକୁ ମିଳିଥିଲା। ସୋମବାର ରାସ୍ତା ଖୋଲିବା ପରେ ପ୍ରଥମେ ସ୍କୁଲବସ ଛଡା ଯାଇଥିଲା। ପରେ ଅଟୋ ଓ ଶେଷରେ ଅଟକି ରହିଥିବା ଭାରିଯାନ ଛଡାଯାଇଥିଲା। ବର୍ଷାଦିନ ପୂର୍ବରୁ ଗ୍ରାମବାସୀଙ୍କ ତରଫରୁ ସମ୍ପୃକ୍ତ ଠିକାସଂସ୍ଥାକୁ ସତର୍କ କରାଯାଇଥିଲେ ମଧ ନ ମାନିବାରୁ ଏପରି ସମସ୍ୟା ହେଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି।

# ୪ ମାସ ହେଲା ମିଳିନି କଳାକାର ଭତ୍ତା

**ବୁଗୁଡ଼ା,୨୯।୭(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକରେ ୪ ମାସ ହେଲା କଳାକାର ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି। ବ୍ଲକରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଅନୁସାରେ ୧୮୦ ଜଣ କଳାକାର ତାଲିକାଭୁକ୍ତ ହୋଇଛନ୍ତି। ପ୍ରତ୍ୟେକ ମାସରେ ସେମାନଙ୍କୁ କଳାକାର ଭତ୍ତା ମିଳିବା କଥା। କିନ୍ତୁ ମାର୍ଚ୍ଚ ୨୦୧୯ରୁ ଜୁନ ୨୦୧୯ ଯାଏ ଦୀର୍ଘ ୪ ମାସ ହେଲା କଳାକାର ଭତ୍ତା ମିଳିନାହିଁ। ଜିଲାର ଅନ୍ୟ ବ୍ଲକଗୁଡ଼ିକରେ କଳାକାରମାନଙ୍କୁ ଏହି ଭତ୍ତା ମିଳିଯାଇଥିବା ବେଳେ ବୁଗୁଡ଼ା ବ୍ଲକ ମିଳିନି। ୪ ମାସର ଭତ୍ତା ଦେବା ପାଇଁ ବ୍ଲକ ପ୍ରଶାସନକୁ ଆଦେଶନାମା ଆସିଥିଲେ ମଧ ଏଥିପାଇଁ ଅର୍ଥ ଆସିନାହିଁ। କଳାକାର ସଂଘ ପକ୍ଷରୁ ବିଡିଓ ସୁକାନ୍ତ ମାଝିଙ୍କୁ ପଚାରିବାରୁ ଅର୍ଥ ଆସିଲେ ଭତ୍ତା ଦିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଜିଲା ସଂସ୍କୃତି ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା।

# ମଦ ଜବତ, ୨ ଗିରଫ

**ଗୋପାଳପୁର,୨୯।୭**

ଚୋରା ବିଦେଶୀ ମଦ ବିକ୍ରି ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଦୁଇଟି ସ୍ଥାନରେ ଚଢ଼ାଉ କରି ସୋମବାର ୨ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଏସ୍. ରାମାରାଓ। ସେମାନଙ୍କ ନିକଟରୁ ୬ ଲିଟର ବିଦେଶୀ ମଦ ଜବତ ହୋଇଛି। ଏ ନେଇ ପୋଲିସ ନଂ. ୧୮୫/୧୯ ଓ ୧୮୬/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଥାନା ପିତାତଳି ଗ୍ରାମରେ ପୂର୍ଣ୍ଣଚନ୍ଦ୍ର ଓ ରାମାରାଓ ଦୀର୍ଘଦିନ ହେଲା ଚୋରା ମଦ ବିକ୍ରି କରୁଥିବା ଖବର ପାଇ ପୋଲିସ ଗ୍ରାମରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଭଞ୍ଜନଗର,୨୯।୭(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ବିକାଶ କୁମାର ଭୋଇ ଏଥିରେ ଅଧକ୍ଷତା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼, ଏନ୍‌ଏସି ଯନ୍ତ୍ରୀ ସୁଶାନ୍ତ ସାହୁ, ବଣିକ ସଂଘ ସମ୍ପାଦକ ସୁଶାନ୍ତ ମହାପାତ୍ର, କେଏସ୍‌ୟୁବି କଲେଜ ଏନସିସି ନାଭାଲ ଅଫିସର ଡ଼.ରବୀନ୍ଦ୍ର ନାଥ ମିଶ୍ର, ଏନ୍‌ସିସି ଆର୍ମି ଅଫିସର ଅଧାପକ ରଜନୀ କାନ୍ତ ତ୍ରିପାଠୀ, କିଶୋର ଚନ୍ଦ୍ର ଡ଼ାକୁଆ, ବିଜୟ କୁମାର କର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଓମ୍ ସଙ୍ଗୀତ ଏକାଡ଼େମୀ ନିର୍ଦ୍ଦେଶକ ଗୁରୁ ପ୍ରଦୀପ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରର ବିଭିନ୍ନ କଳାକାର ସ୍ୱାଧୀନତା ଦିବସ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ବୈଠକରେ ନିଷ୍ପତିନିଆଯାଇଛି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

# ବହୁ ପଦବୀ ଖାଲି, ଉନ୍ନୟନ କାର୍ଯ୍ୟ ଠପ୍

**ଶଙ୍କରାଖୋଲ,୨୯।୭(ଡି.ଏନ୍.ଏ.)**

## ଚକାପାଦ ବ୍ଲକ

ଚକାପାଦ ବ୍ଲକରେ ବହୁ ପଦବୀ ଖାଲି ପଡିଛି। ଫଳରେ ଉନ୍ନୟନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଥିବା ଅଞ୍ଚଳର ଜନପ୍ରତିନିଧି ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚକାପାଦ ବ୍ଲକ ୧୨ ପଞ୍ଚାୟତକୁ ନେଇ ଗଠିତ। ବ୍ଲକର ଅନେକ ଅଞ୍ଚଳ ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପଛୁଆ। ଅଞ୍ଚଳବାସୀ ବିଭିନ୍ନ କାମ ପାଇଁ ବ୍ଲକକୁ ଆସୁଥିବାବେଳେ ଏଠାରେ ବହୁ ସରକାରୀ କର୍ମଚାରୀ ପଦବୀ ଖାଲିଥିବାରୁ ନିରାଶରେ ଫେରିଥାନ୍ତି। ବ୍ଲକରେ ବିଡିଓ, ଏବିଡିଓ ବ୍ୟତୀତ ବିଭିନ୍ନ ବିଭାଗର କର୍ମଚାରୀ ନ ଥିବାରୁ ବ୍ଲକ ଅଧୀନରେ ଥିବା ୧୨ ପଞ୍ଚାୟତର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକରେ ବରିଷ୍ଠ କିରାଣି ୬ମାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏକ ବର୍ଷ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ୨ବର୍ଷ, ଯୋଗାଣ ନିରୀକ୍ଷକ ୩ ବର୍ଷ, ସହକାରୀ ଯନ୍ତ୍ରୀ ଏକବର୍ଷ, କ୍ରମନ୍ୱିତ ସହାୟକ (ପିଏ) ୨ବର୍ଷ ହେଲା ନାହାନ୍ତି। ୪ କନିଷ୍ଠ ଯନ୍ତ୍ରୀ ସ୍ଥାନରେ ୨ଜଣ ରହିଛନ୍ତି। ପ୍ରତି ପଞ୍ଚାୟତରେ ବୈଷୟିକ ସହାୟକ ୧୨ ଜଣ ରହିବା କଥା ମାତ୍ର ୨ଜଣ ରହିଛନ୍ତି। ସେହିପରି ପଞ୍ଚାୟତରେ ୧୨ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ପରିବର୍ତ୍ତେ ୭ ଜଣ ରହିଛନ୍ତି। ୫ ଜଣଙ୍କ ପଦବୀ ଖାଲି ରହିଛି। ୧୨ ଜଣ ଗ୍ରାମ ରୋଜଗାର ସେବକ ସ୍ଥାନରେ ରହିଛନ୍ତି ୧୦ ଜଣ। ଚତୁର୍ଥ ଶ୍ରେଣୀ କର୍ମଚାରୀ ୫ ଜଣ ମଧ୍ୟରୁ ୨ ଜଣ ଅଛନ୍ତି। ବ୍ଲକରେ କେବଳ ଆବାସ ଗୃହ ନିର୍ମାଣ ତଦାରଖ କରାଯାଇଥିବାବେଳେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଫେଲ ମାରିଛି। ଏ ନେଇ ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକ କହିଛନ୍ତି, ଖାଲି ପଡିଥିବା ପଦବୀ ପୂରଣ ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଖାଲି ପଦବୀ ପୂରଣ ହେଲେ ଉନ୍ନୟନ କାର୍ଯ୍ୟ ସଫଳ ହେବ ବୋଲି କହିଥିଲେ।

# ଭଣ୍ଡାରୀ ସମାଜ ଗଞ୍ଜାମ ଜିଲା ସଭାପତିଙ୍କ ପରଲୋକ

**ଦିଗପହଣ୍ଡି,୨୯।୭(ଡି.ଏନ.ଏ.)**

ନିଖିଳ ଉତ୍କଳ ଭଣ୍ଡାରୀ ସମାଜ ଗଞ୍ଜାମ ଜିଲା ଶାଖା ସଭାପତି ଦୟାନିଧି ଡାକୁଆଙ୍କ ସୋମବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ଭଣ୍ଡାରୀ ସମାଜ ବଡ଼ଖେମୁଣ୍ଡି ତାଲୁକା ସଭାପତି କୃଷ୍ଣ ଡାକୁଆ, ଉପସଭାପତି ସୂର୍ଯ୍ୟ ନାରାୟଣ ଡାକୁଆ, ସମ୍ପାଦକ କୁରେଶୁ ଡ଼ାକୁଆଙ୍କ ସମେତ ଜିଲା କମିଟି କାର୍ଯ୍ୟକର୍ତ୍ତାବୃନ୍ଦ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ପଦାର୍ଥ ବିଜ୍ଞାନ ବିଭାଗ ପାଠଚକ୍ର

**ଭଞ୍ଜନଗର,୨୯।୭(ଡି.ଏନ.ଏ)**

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ଶାନ୍ତି କୁମାରୀ ଉପାଧ୍ୟାୟ ଏଥିରେ ସଭାପତିତ୍ୱ କରିଥିଲେ। ଅଧାପକ ଡ. ଗିରିଧର ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ପାଠଚକ୍ର ଦ୍ୱାରା ଛାତ୍ରୀଛାତ୍ରଙ୍କ ଜ୍ଞାନ ବୃଦ୍ଧି ଘଟିଥାଏ ବୋଲି କହିଥିଲେ। ଛାତ୍ରୀ କେ. ଶୁଭଦର୍ଶନୀ ପାତ୍ର ଦେଶର ସୁରକ୍ଷାରେ ଲେଜର ରଶ୍ମିର ଉପାଦେୟତା ଉପରେ ଲିଖିତ ସନ୍ଦର୍ଭଟିକୁ ପଠନ କରିଥିବା ବେଳେ ତାଙ୍କୁ ବିଭାଗୀୟ ମୁଖ୍ୟ ପ୍ରାଧାପିକା ତଥା ଅଧକ୍ଷା ଉପାଧ୍ୟାୟ ସହଯୋଗ କରିଥିଲେ। ଲେଜର ରଶ୍ମି ଦ୍ୱାରା କାଶ୍ମୀରୀରେ ଆତଙ୍କବାଦୀ ଅନୁପ୍ରବେଶକୁ ରୋକାଯାଇପାରିବ, ଶତ୍ରୁପକ୍ଷକୁ ଚିହ୍ନଟ କରାଯାଇ ପାରିବ, ଶତ୍ରୁପକ୍ଷଙ୍କ ଘାଟିକୁ ମଧ୍ୟ ଧ୍ୱଂସ କରିଦିଆଯାଇପାରିବ। ତେଣୁ ଲେଜର ରଶ୍ମି ଦେଶର ସୁରକ୍ଷା କବଚ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅଧାପିକା ମନୀଷା ମଞ୍ଜରୀ ପତି, ଦୀପାଞ୍ଜଳୀ ବିଷୋୟୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଛାତ୍ରୀ ସାଇଶ୍ରୀ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।



ଅତିଥିମାନେ ସନ୍ଦର୍ଭ ଉନ୍ମୋଚନ କରୁଛନ୍ତି।

# ବେଗୁନିଆପଡ଼ା ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ବେଗୁନିଆପଡ଼ା,୨୯।୭(ଡି.ଏନ.ଏ.)**

ସୋମବାର ବେଗୁନିଆପଡ଼ା ବ୍ଲକ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉପସ୍ଥିତ ରହି ୩୫୪ ଅଭିଯୋଗର ଶୁଣାଣି କରିଛନ୍ତି। ଏଥି ମଧ୍ୟରୁ ମୋ କୁଡିଆ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ଶିକ୍ଷା, ମଦ ଦୋକାନ ବନ୍ଦ, ରାସ୍ତା ନିର୍ମାଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ଜନସାଧାରଣ ଅଭିଯୋଗ କରିଛନ୍ତି। ସୁମଣ୍ଡଳସ୍ଥିତ ରବି ଘୋଷ ନୋଡାଲ ହାଇସ୍କୁଲର ଅଚଳାବସ୍ଥା ଉପରେ ସ୍ଥାନୀୟ ଜନସାଧାରଣ ଜିଲାପାଳଙ୍କୁ ଅବଗତ କରିଥିଲେ। ଜିଲାପାଳ ଡିଇଓ ସନାତନ ପଣ୍ଡାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବା ପରେ ସେ ଉକ୍ତ ବିଦ୍ୟାଳୟକୁ ଯାଇଥିଲେ। ଏହାସହ ସୁମଣ୍ଡଳଠାରେ ମଦ ଦୋକାନ ଓ ଭାଟି ଆନ୍ଦୋଳନ ପରେ ବନ୍ଦ ରହିଛି, ଏହି ଦୋକାନ ଓ ଭାଟି ଯେପରି ନ ଖୋଲାଯାଏ, ଏସ. ଛଚିନାଠାରେ ବିଦେଶୀ ମଦଦୋକାନ ନ ଖୋଲାଯାଏ ସେ ଦିଗରେ ପଦକ୍ଷେପ



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ନେବାକୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବଣିଆବାଡ଼ିଠାରୁ ସୁମଣ୍ଡଳ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ରାସ୍ତାର ଚୁକ୍ତି ପୂରଣ ହୋଇଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା କାମ ଆରମ୍ଭ ହୋଇନଥିବା ନେଇ ସୁମଣ୍ଡଳ ଜନ ପ୍ରତିନିଧି ଓ ଲୋକେ ଅଭିଯୋଗ କରିଥିଲେ। ରାହାଡା ଓ ବେଗୁନିଆପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା ଅଭିଯୋଗ କରିଥିଲେ। ଏହା ସହିତ ବିଭିନ୍ନ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର, ରାଶନକାର୍ଡ, ପାଇଖାନା ପ୍ରାପ୍ୟ ଓ ବିଭିନ୍ନ ଭତ୍ତା ପ୍ରଦାନ ନେଇ ବହୁଲୋକ ଆବେଦନ ସହ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣାଣୀରେ ଛତ୍ରପୁର ଉପ ଜିଲାପାଳ ପ୍ରିୟ ରଞ୍ଜନ ପୁଷ୍ଟି, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ଏସ୍‌ଡିପିଓ ନିମାଇଁ ଚରଣ ସେଠୀ, କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା, ବିଡିଓ ଅରୁଣ କୁମାର ମଲ୍ଲିକ, କୋଦଳା ଆଇଆଇସି ଦିଲୀପ କୁମାର ସାହୁ, ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ଦୀପ୍ତିରଞ୍ଜନ ବେହେରା, ବିଇଓ କମଳାକାନ୍ତ ସାହୁଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରେନରେ ଯାତ୍ରୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୯।୭: ବ୍ରହ୍ମପୁର ରେଳବାଇ ଥାନା ଅନ୍ତର୍ଗତ ବାଲୁଗାଁ ନିକଟରେ ଟ୍ରେନରେ ଯାତ୍ରା କରୁଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ମାଲଦା ଜିଲା ନାଶପୁରାର କାୟମ ଖତୁନ (୨୪)। ପୋଲିସ ରବିବାର ମୃତଦେହ ଜବତ କରିଥିଲା। ନଂ. ୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ପୋଲିସ ମହିଳାଙ୍କ ମୃତଦେହ ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିବା କହିଛି। ପ୍ରକାଶ ଯେ, ଉକ୍ତ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ତାଙ୍କ ଚିକିତ୍ସା ପାଇଁ ତାଙ୍କ ସ୍ୱାମୀ ଟ୍ରେନ୍‌ରେ ବାଙ୍ଗାଲୋର ନେଇ ଯାଉଥିଲେ। ରବିବାର ସନ୍ଧ୍ୟାରେ ବାଲୁଗାଁ ନିକଟରେ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସ୍ୱାମୀ ଏନେଇ ବ୍ରହ୍ମପୁର ରେଳବାଇ ଥାନାରେ ଅଭିଯୋଗ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମହିଳାଙ୍କ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

### ଶଙ୍ଖାଲୋକ, ଚିତ୍ରାଳୟ କାରିଗର ସଂଘ ବୈଠକ

ବ୍ରହ୍ମପୁର ଅଫିସ,୨୯।୭: ସ୍ଥାନୀୟ ଗଞ୍ଜାମ ଜିଲା ଶଙ୍ଖାଲୋକ ଓ ଚିତ୍ରାଳୟ କାରିଗର ସଂଘର ମାସିକ ବୈଠକ ପାଟପୁରସ୍ଥ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶ୍ରୀକାନ୍ତ କୁମାର ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଚିତ୍ରାଳୟ ମାଲିକ ସଂଘ ରାଜ୍ୟ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଦସ୍ୟମାନେ ଶ୍ରମ ବିଭାଗ ଦ୍ୱାରା ପ୍ରଦତ୍ତ ସୁବିଧା ହାସଲ କରିବାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏମ୍.ଡମ୍ବରୁଧର ପ୍ରଧାନ, ଶରତ ଚନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ସେଠୀ, ରବୀନ୍ଦ୍ର କୁମାର ପ୍ରଧାନ, ମନୋଜ କୁମାର ସାହୁ, ଶିବରାଜ ସେଠୀ ଓ ପ୍ରଫୁଲ୍ଲ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୁଦର୍ଶନ ନାୟକ, ବସନ୍ତ ସେଠୀ, ପବିତ୍ର ସାମଲ ଓ ସହଦେବ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବନ୍ଧ ନିଲାମ ଦାବି କଲେ ଗ୍ରାମବାସୀ

ବୁଗୁଡ଼ା,୨୯।୭(ଡି.ଏନ.ଏ.): ବୁଗୁଡ଼ା ବ୍ଳକ ପାଙ୍ଗିଡ଼ି ପଞ୍ଚାୟତ ଟିକରପଡ଼ା ଗ୍ରାମରେ ଥିବା ବନ୍ଧଗୁଡ଼ିକର ନିଲାମ ପାଇଁ ଗ୍ରାମବାସୀ ଲିଖିତ ଆକାରରେ ବିଡିଓ ଓ ଭଞ୍ଜନଗର ଉପଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଟିକରପଡ଼ା ଗ୍ରାମର ସନ୍ଦିତୁଳସୀଘାଇ, ନୂଆବନ୍ଧ, ସାନଖାଲିଆ ଘାଇ ନିଲାମ ପାଇଁ ଡେଙ୍ଗୁରା ଦିଆଯାଇ ୧୨।୬।୧୯ରେ ସ୍ଥିର ହୋଇଥିଲା । କୌଣସି କାରଣରୁ ବିଭିନ୍ନ ଆଳ ଦେଖାଇ ପଞ୍ଚାୟତ କର୍ତ୍ତୃପକ୍ଷ ସେଦିନ ଉକ୍ତ ନିଲାମ ବନ୍ଦ କରିଦେଲେ। ଏ ସମ୍ପର୍କରେ ଗ୍ରାମବାସୀ ୧୭।୬।୧୯ରେ ବିଡିଓଙ୍କୁ ଜଣାଇଥିଲେ। ୨୩।୭।୧୯ରେ ଉକ୍ତ ବନ୍ଧଗୁଡ଼ିକର ନିଲାମ ପାଇଁ ବ୍ଲକ ପ୍ରଶାସନ ଚିଠି କରିଥିଲା। କିନ୍ତୁ ଉକ୍ତ ଦିନ ମଧ ବନ୍ଧଗୁଡ଼ିକର ନିଲାମ ହୋଇପାରିଲା ନାହିଁ। ଗ୍ରାମବାସୀ ନିରାଶ ହୋଇ ପଞ୍ଚାୟତ କାର୍ଯ୍ୟାଳୟରୁ ଫେରିଥିଲେ । ପୁନର୍ବାର ବନ୍ଧଗୁଡ଼ିକର ନିଲାମ କରିବା ପାଇଁ ଟିକରପଡ଼ା ଗ୍ରାମବାସୀ ଦାବି କରିଛନ୍ତି ।

## ■ମାଟ୍ରିକ୍ ପାସ୍‌ରୁ କମିଲା ଯୁକ୍ତ ୨ ନାମଲେଖା

# କଲେଜ ଶିକ୍ଷା ପ୍ରତି ଆଗ୍ରହ ନାହିଁ

ବ୍ରହ୍ମପୁର ଅଫିସ୍,୨୯।୭

■ଗଞ୍ଜାମରେ ଖାଲି ପଡ଼ିଲା ୧୪,୫୬୭ ସିଟ୍
■ମାଟ୍ରିକ୍ ପାସ୍ କରିଥିଲେ ୩୪,୭୦୩
■ଯୁକ୍ତ ୨ରେ ନାମ ଲେଖାଇଲେ ୨୮,୧୨୩
■ଆରମ୍ଭ ହେଲା ନୂତନ ଶିକ୍ଷାବର୍ଷର ପାଠପଢ଼ା

ଚଳିତବର୍ଷ ପାଇଁ ଯୁକ୍ତ ୨ ନାମଲେଖା ଶେଷ ହୋଇଛି। ସୋମବାରଠାରୁ ପାଠପଢ଼ା ସହ ଆରମ୍ଭ ହୋଇଛି ନୂତନ ଶିକ୍ଷା ବର୍ଷ। ବର୍ଷା ଯୋଗୁ ପ୍ରଥମ ଦିନରେ କମ୍ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ରମାନେ ସ୍କୁଲ ସାଙ୍ଗଙ୍କ ସହ ଏକାଠି ବସିଥିବା ଦେଖା ଯାଇଥିଲା। ଅନେକ ନୂତନ ସାଙ୍ଗ ଖୋଜିଥିଲେ। ପରିଚୟ ଆଦାନ ପ୍ରଦାନରେ ପ୍ରଥମ ଦିନ କଟିଥିଲା। ଅନ୍ୟପଟେ କେତେକ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚଳିତ ବର୍ଷ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ମାଟ୍ରିକ୍ ପାସ୍ କରିବା ପରେ ଯୁକ୍ତ ୨ରେ ନାମଲେଖାଇ ନ ଥିବା ଦେଖାଦେଇଛି। ସେମାନେ ପାଠ ଛାଡ଼ିଲେ ନା ଇଞ୍ଜିନିୟରିଂ କିମ୍ବା ଅନ୍ୟ ବୃତ୍ତିଗତ ଶିକ୍ଷାପ୍ରତି ଆଗ୍ରହ ଦେଖାଇଲେ, ତାକୁ ନେଇ ଶିକ୍ଷାବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

ଗଞ୍ଜାମ ଜିଲାରେ ଚଳିତ ବର୍ଷ ୪୮ହଜାର ୩୦୬ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୪ହଜାର ୭୦୩ଜଣ ପାସ୍ କରିଥିଲେ। କିନ୍ତୁ ଏହି ପାସ୍‌ଠାରୁ ଯୁକ୍ତ ୨ ନାମଲେଖା ଢ଼େର୍ କମ୍ ରହିଛି। କାରଣ ଚଳିତ ବର୍ଷ ଯୁକ୍ତ ୨ରେ ଜିଲାରେ ୨୮ହଜାର ୧୨୩ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଜିଲାରେ ମୋଟ ୪୨ହଜାର ୬୯୦ ସିଟ୍ ରହିଛି। ଫଳରେ ଆହୁରି ୧୪ହଜାର ୫୬୭ ସିଟ୍ ଖାଲି ପଡ଼ିଛି । ଅର୍ଥାତ୍ ମାଟ୍ରିକ୍ ପାସ୍ କରିବା ପରେ ୬ ହଜାର ୫୮୦ ଛାତ୍ରୀଛାତ୍ର ଯୁକ୍ତ ୨ରେ ନାମ ଲେଖାଇ ନାହାନ୍ତି। ଏମାନେ କୁଆଡ଼େ ଗଲେ, ତାକୁ ନେଇ ନାନା କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି। କିନ୍ତୁ ଶିକ୍ଷାବିତ୍‌ମାନଙ୍କ ମତ ହେଉଛି, ଛୋଟଛୋଟ ଗାଁରେ ମଧ୍ୟ ବିଦ୍ୟାଳୟ ରହିଛି। ହେଲେ କଲେଜରେ ପାଠ ପଢ଼ିବାକୁ ହେଲେ ଦୂର ଜାଗାକୁ ଯିବାକୁ ହୋଇଥାଏ । ଗ୍ରାମାଞ୍ଚଳରେ ବିଶେଷକରି ଅଭିଭାବକମାନେ ଏହାକୁ ପସନ୍ଦ କରନ୍ତି ନାହିଁ । ଏହା ଏକ କାରଣ ହୋଇଥିବା କୁହାଯାଉଛି। ଅପରପକ୍ଷେ ଡିପ୍ଲୋମା ଇଞ୍ଜିନିୟରିଂ ଏବଂ ଆଇଟିଆଇରେ ସେମାନଙ୍କ ମଧ୍ୟରୁ ଅନେକ ନାମ ଲେଖାଇଥାଇ ପାରନ୍ତି ବୋଲି ମଧ୍ୟ ଶିକ୍ଷାବିତ୍‌ମାନେ ମତ ଦେଉଛନ୍ତି।

ଯୁକ୍ତ ୨ ନାମଲେଖା ତଥ୍ୟକୁ ଦେଖିଲେ ଜଣାପଡୁଛି, କଳାରେ ୧୯ ହଜାର ୭୭୭ ସିଟ୍‌ରୁ ୧୭ହଜାର ୨୮୯ସିଟ୍ ପୂରଣ ହୋଇଥିବା ବେଳେ ୨ହଜାର ୪୮୮ ସିଟ୍ ଖାଲି ପଡ଼ିଛି । ବିଜ୍ଞାନରେ ୧୬ହଜାର ୯୨୯ ସିଟ୍‌ରୁ ୮ହଜାର ୩୮୦ ସିଟ୍ ପୂରଣ ହୋଇଥିବା ବେଳେ ୮ହଜାର ୫୪୯ ସିଟ୍ ଖାଲି ପଡ଼ିଛି । ବାଣିଜ୍ୟରେ ୫ହଜାର ୧୮୪ ସିଟ୍‌ରୁ ୨ହଜାର ୧୧୧ ସିଟ୍ ପୂରଣ ହୋଇଛି ଏବଂ ୩ହଜାର ୭୩ ସିଟ୍ ଖାଲି ପଡ଼ିଛି । ସଂସ୍କୃତରେ ୩୨୦ ସିଟ୍‌ରୁ ୧୮୮ ପୂରଣ ହୋଇଥିବା ବେଳେ ୧୩୨ ସିଟ୍ ଖାଲି ରହିଛି । ଧନ୍ଦାମୂଳକ ଶିକ୍ଷାରେ ୪୮୦ ସିଟ୍‌ରୁ ୧୫୫ଟି ପୂରଣ ହୋଇଥିବା ବେଳେ ୩୨୫ ସିଟ୍ ଖାଲି ରହିଛି। କେବଳ ଘରୋଇ ନୁହେଁ ପ୍ରମୁଖ ସରକାରୀ କଲେଜଗୁଡ଼ିକରେ ମଧ୍ୟ ବହୁ ସଂଖ୍ୟାରେ ସିଟ୍ ଖାଲି ପଡ଼ିଛି। ବ୍ରହ୍ମପୁରସ୍ଥିତ ଆଡଭାନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସ ଆଣ୍ଡ ସାଇନ୍ସରେ କଳାରେ ୬୪ ସିଟ୍‌ରୁ ମାତ୍ର ୧୧, ବିଜ୍ଞାନରେ ୬୪ରୁ ୨୮ ଏବଂ ବାଣିଜ୍ୟରେ ୬୪ରୁ ମାତ୍ର ୨ ସିଟ୍ ପୂରଣ ହୋଇଛି। ଦିଶା ହାୟର୍ ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ କମର୍ସରେ ବିଜ୍ଞାନରେ ୯୬ ସିଟ୍ ଥିବା ବେଳେ ମାତ୍ର ୩୩ ଏବଂ ବାଣିଜ୍ୟରେ ୬୪ରୁ ମାତ୍ର ୨୪ ସିଟ୍ ପୂରଣ ହୋଇଛି। ଗାୟତ୍ରୀ ହାୟର୍ ସେକେଣ୍ଡାରୀ ସ୍କୁଲରେ ନାମଲେଖା ସ୍ଥିତି ଅତ୍ୟନ୍ତ ଖରାପ। ବିଜ୍ଞାନରେ ୩୮୪ ସିଟ୍‌ରୁ ମାତ୍ର ୨୪ ପୂରଣ ହୋଇଛି । ସେହିଭଳି ଲିଙ୍ଗରାଜ ବିଜ୍ଞାନ ହାୟର୍ ସେକେଣ୍ଡାରୀ ସ୍କୁଲରେ ବିଜ୍ଞାନରେ ୧୨୮ରୁ ମାତ୍ର ୮ ଏବଂ ମଡ଼େଲ୍ ମହିଳା ହାୟର୍ ସେକେଣ୍ଡାରୀ ସ୍କୁଲରେ ବିଜ୍ଞାନରେ ୬୪ରୁ ମାତ୍ର ୮ଟି ସିଟ୍ ପୂରଣ ହୋଇଛି ।

**କେଉଁଠି ଖାଲିପଡ଼ିଛି କେତେ ସିଟ୍**

| ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | କଳା | ବିଜ୍ଞାନ | ବାଣିଜ୍ୟ |
|---|---|---|---|
| ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୧୮ | ୮ | ୮ |
| ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୨୭ | ୮୫ | ୩୫ |
| ଏସ୍‌ବିଆର୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୧ | ୩ | ୩ |
| ମହାମାୟୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୨୫ | ୧୧୭ | ୧୬୭ |
| ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର | -- | ୦୦ | ୦୦ |
| ହିଞ୍ଜିଳିକାଟୁ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୦୦ | ୦୦ | ୦୦ |
| ଆସିକା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୧୫ | ୧୬୪ | ୨୦୦ |
| କେଏସ୍‌ୟୁବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୫ | ୧୬୧ | ୨୨୮ |
| ଖଲ୍ଲିକୋଟ ଆର୍‌ସିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୦୦ | ୦୦ | ୮୦ |
| ଛତ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୦୦ | ୨୦ | ୧୪୭ |
| ଗୋପାଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ | ୯୬ | ୨୧୭ | ୧୯୨ |

## ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

### ଦୁଇ ସପ୍ତାହ ପରେ ବି ମିଳିନି ପରିଚୟ

ବ୍ରହ୍ମପୁର ଅଫିସ,୨୯।୭

ଗତ ୧୫ ତାରିଖରେ ଗୋଷାଣୀନୂଆଗାଁ ପୋଲିସ ନୂଆଖଜୁରିଆ ନିକଟ ଏକ କ୍ଷେତରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ଦୁଇ ସପ୍ତାହ ପରେ ବି ତାଙ୍କ ପରିଚୟ ପୋଲିସ ପାଇପାରିନାହିଁ। ଯୁବକଙ୍କ ପରିଚୟ ମିଳିଲେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ ଅନୁମାନ କରିଛି। ସେପଟେ ଭିସେରା ରିପୋର୍ଟ ମିଳିବା ପରେ ଯୁବକଙ୍କ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଜଣେ ଚାଷୀ ନିଜ କ୍ଷେତକୁ ଯିବା ବେଳେ ନିକଟସ୍ଥ ଏକ କ୍ଷେତରେ ମୃତଦେହ ପଡିଥିବା ଦେଖି ଥାନାକୁ ଖବର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ନଂ.୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ନିକଟରୁ ପୋଲିସକୁ ଏକ ଆଧାରକାର୍ଡ ମିଳିଥିଲା। ସେଥିରେ ସୁବାସ ପାତ୍ର ବୋଲି ଉଲ୍ଲେଖ ରହିଥିଲା। ତଦନ୍ତ ପରେ ସୁବାସ ପାତ୍ର ନାମକ ବ୍ୟକ୍ତି ଜୀବିତ ଥିବା ଜଣାପଡିଥିଲା।

# ଆର୍‌ଟିଆଇ ସଂଶୋଧନକୁ ବିରୋଧ



ଖଲ୍ଲିକୋଟ କଲେଜ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୨୯।୭

ସୂଚନା ଅଧିକାର ଆଇନ୍‌ରେ ବ୍ୟାପକ ସଂଶୋଧନ ପାଇଁ ମୋଦି ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦେଶବ୍ୟାପୀ ବିରୋଧ କରାଯାଉଛି । ସୋମବାର ବ୍ରହ୍ମପୁରରେ ମଧ୍ୟ ସଂଶୋଧନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମାନବ ଅଧିକାର ସୁରକ୍ଷା ମଞ୍ଚ ଆହ୍ୱାନରେ ବୁଦ୍ଧିଜୀବୀମାନେ ସ୍ଥାନୀୟ ଖଲ୍ଲିକୋଟ କଲେଜ ରାସ୍ତା ସମ୍ମୁଖରେ ବିକ୍ଷୋଭ କରିଥିଲେ। ବହୁ ଆନ୍ଦୋଳନ ପରେ ୨୦୦୫ରେ ସୂଚନା ଅଧିକାର ଆଇନ୍ କାର୍ଯ୍ୟକାରୀ କରାଯାଇଥିଲା। ଫଳରେ ସାଧାରଣ ଲୋକମାନେ ମଧ୍ୟ ବଡ଼ ବଡ଼ ଦୁର୍ନୀତିର ପର୍ଦ୍ଦାଫାଶ କରିପାରୁଥିଲେ। ରାଜନେତା, ଶିଳ୍ପପତି ଏବଂ ସରକାରୀ ଅଧିକାରୀଙ୍କ ଗୁମର ଖୋଲିଯାଉଥିଲା। ହେଲେ ସମ୍ପ୍ରତି ମୋଦି ସରକାର ଏହି ଆଇନ୍‌ରେ ସଂଶୋଧନ କରିଛନ୍ତି। ସଂଶୋଧନ ବିଲ୍ ଉଭୟ ଲୋକ ସଭା ଏବଂ ରାଜ୍ୟସଭାରେ ତରବରିଆ ଭାବେ ଗୃହୀତ କରାଇଛନ୍ତି। ଯାହା ଦ୍ୱାରା ଆୟୋଗଙ୍କ ଚାକିରି ସର୍ତ୍ତାବଳୀ ସରକାର ଅଧୀନକୁ ନେଇଯିବେ। ସଂସ୍ଥାର କ୍ଷମତା, ଦକ୍ଷତା ଏବଂ ସ୍ୱାଧୀନତା ସଙ୍କୁଚିତ ହୋଇଯିବ। ସରକାର ନିଜ ସ୍ୱାର୍ଥରେ ଆୟୋଗକୁ ବ୍ୟବହାର କରିପାରିବେ। ପୂର୍ବତନ ସୂଚନା କମିଶନର୍‌ମାନେ ଏହା ବିରୋଧରେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରରେ ସୂଚନା ଅଧିକାର ମିଳିତ ମଞ୍ଚ ଏବଂ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଥିଲା। ବିକ୍ଷୋଭରେ ରାଜା ସୁରେଶ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅବନୀ କୁମାର ଗୟା, ବିଭୁ ପ୍ରସାଦ ସାହୁ, ଗୁରୁ ଚରଣ ପାତ୍ର, ମାଗୁଣି ନାହାକ, ଲକ୍ଷ୍ମୀନାରାୟଣ ରାଉତ, ରବୀନ୍ଦ୍ର କୁମାର ନାୟକ, ଶଙ୍କର ସାହୁ, ଲକ୍ଷ୍ମଣ ସାହୁ, ଆଶିଷ କୁମାର ପଟ୍ଟନାୟକ ଓ ସୌଦାମନୀ ମିଶ୍ର ପ୍ରମୁଖ ଭାଗ ନେଇଥିଲେ।

### ଶ୍ରୀଅରବିନ୍ଦ ପାଠଚକ୍ର ଗଞ୍ଜାମ ଜିଲା ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୯।୭

ଗଞ୍ଜାମ ଜିଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ସୋମବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସାଧିକା, ସାଧକ ଓ ଅନ୍ୟମାନେ ଏବଂ ପାଠଚକ୍ରର ସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଧ୍ୟାନ ଓ ସମୂହ ପ୍ରାର୍ଥନା ସହ ମୁଖପତ୍ର ଅସ୍ପୃହା ଲୋକାର୍ପିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ସାଧକ ପ୍ରସାଦ ତ୍ରିପାଠୀ ଯୋଗଦେଇ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ବାକ୍ୟକୁ ଉଦ୍ଧାର କରି ଚେତନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀରେ ମହାକାବ୍ୟ ସାବିତ୍ରୀର କେତେକାଂଶ ଉଦ୍ଧୃତ କରାଯାଇଥିଲା। ଅନ୍ୟତମ ବକ୍ତା କପିଳ ପ୍ରସାଦ ମିଶ୍ର କର୍ମବାଦ, କର୍ମଫଳ, ନିୟତି ଓ ଏହାସହ ମଣିଷ ବିବର୍ତ୍ତନର ସମ୍ପର୍କ ନେଇ ସଚେତନ କରାଇଥିଲେ। ଭାଗୀରଥି ମହାପାତ୍ର, କମଳା ଭଉଣୀ ପ୍ରମୁଖ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ଜୋନାଲ ଆବାହକ ଲଲାଟେନ୍ଦୁ ସାମନ୍ତ ସମ୍ମିଳନୀରେ ଅଧକ୍ଷତା କରିଥିବା ବେଳେ ପାଠଚକ୍ର ଜିଲା ଆବାହକ ଶଶଧର ବେହେରା ବିବରଣୀ ପାଠ କରିଥିଲେ। ହଜାରରୁ ଉର୍ଦ୍ଧ୍ୱ ପାଠଚକ୍ର ସଭ୍ୟା ସଭ୍ୟ ଏବଂ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଭକ୍ତ ଉପସ୍ଥିତ ଥିଲେ । ଶେଷରେ ବିକାଶ ଚନ୍ଦ୍ର ପାଢ଼ୀ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲାରେ ଥିବା ୩୦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ମୁଖପତ୍ର ଅସ୍ପୃହା ବିନା ମୂଲ୍ୟରେ ବିତରଣ କରାଯାଇଥିଲା। ଗୋସାଣୀନୂଆଗାଁ ମୀରା ବିହାରସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସମ୍ମିଳନୀ ହୋଇଥିଲା ।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲ ସଂଘର ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୨୯।୭

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗଞ୍ଜାମ ଓକିଲ ସଂଘ ତରଫରୁ ଦୀର୍ଘଦିନ ହେଲା ଆନ୍ଦୋଳନ ହୋଇଆସୁଛି। ଏହି ଧାରାରେ ରବିବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଓକିଲମାନେ ସୋମବାର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ବ୍ରହ୍ମପୁରରେ ତୁରନ୍ତ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ । ପ୍ରତି ମାସ ଶେଷ ୪ ଦିନ ଏଥିପାଇଁ ଗଞ୍ଜାମ ଓକିଲ ସଂଘ ତରଫରୁ କୋର୍ଟ କାର୍ଯ୍ୟ ବର୍ଜନ କରାଯାଉଛି। ଚଳିତ ମାସ ରବିବାରରୁ କାର୍ଯ୍ୟ ବନ୍ଦ ରଖାଯାଇଛି। ଏହି ଆନ୍ଦୋଳନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ନେଇ ପାଲ୍ କମିଶନ ବସାଇଥିଲେ। ସେହି କମିଶନ ତା'ର ରିପୋର୍ଟ ଦେଇସାରିଛି। ହେଲେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ସରକାର କୌଣସି ଉଦ୍ୟମ କରୁ ନ ଥିବା ସଂଘ ଅଭିଯୋଗ କରିବା ସହ ଉଦ୍‌ବେଗ ପ୍ରକାଶ କରିଛି। ଏଥିରେ ଗଞ୍ଜାମ ଓକିଲ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସଭାପତି ରବି ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ, ପୂର୍ବତନ ସମ୍ପାଦକ ପୀତବାସ ପଣ୍ଡା, ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ, ନିର୍ମଳ କୁମାର ସାହୁ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରଦୀପ ବେହେରା, ଅକ୍ଷୟ ପଟ୍ଟନାୟକ, ସଞ୍ଜୟ ମିଶ୍ର, ସୀତାଂଶୁ ପଣ୍ଡା, ନୟନ ମହାପାତ୍ର, ଜୁବୁଲି ଆଚାର୍ଯ୍ୟଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।


ଆନ୍ଦୋଳନରତ ଆଇନଜୀବୀମାନେ ।

## କେଏଟିଏସ୍ ଆୟୁର୍ବେଦ କଲେଜର ମହ୍ଲାର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୯।୭

ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା (କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଛାତ୍ର ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ମହ୍ଲାର-୨୦୧୯' ସୋମବାର ଉଦ୍‌ଯାପିତ ହୋଇଯାଇଛି । ୩ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଛାତ୍ର ସଂସଦ ଉପଦେଷ୍ଟା ଡା. ବିମଳ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତିନିଦିନ ଧରି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, ନୃତ୍ୟ, କଣ୍ଠ ସଙ୍ଗୀତ, ସଙ୍ଗୀତ ଲିଖନ, ନାଟକ, ଏକକ ଅଭିନୟ, କୁଇଜ୍ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଡା. ଶିବ ପ୍ରସାଦ ରାଉତ, ଡା. ନିବେଦିତା ମହାପାତ୍ର, ଡା. ଅଂଶୁମାନ ବିଶ୍ୱାଳ, ଡା. ସୌଭାଗ୍ୟ ମହାଳିକ ଓ ଡା. ଅଶ୍ୱିନୀ ସାହୁ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ସାଂସ୍କୃତିକ ଉପଦେଷ୍ଟା ଡା. ସୁରମା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାକୁ ଡା. ଶିବ ପ୍ରସାଦ ରାଉତ ସଂଯୋଜନା କରିଥିଲେ । ଛାତ୍ର ସଂସଦ ସାଂସ୍କୃତିକ ସମ୍ପାଦକ ରୂପେଶ ମାଝି, ସହ ସମ୍ପାଦକ ଟି. ତନ୍ମୟଙ୍କ ସମେତ ଛାତ୍ର ସଂସଦ ଓ ମହାବିଦ୍ୟାଳୟର ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ । ତେବେ କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବା ନେଇ ମହାବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।


ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ■ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: କୋଠା ଭୁଶୁଡ଼ିବା ଘଟଣା

# ୪ ଦିନ ପରେ ବି ଆରମ୍ଭ ହୋଇନି ଯାଞ୍ଚ

ବ୍ରହ୍ମପୁର ଅଫିସ,୨୯।୭



**ସ୍ୱତନ୍ତ୍ର ଟେକ୍ନିକାଲ ଟିମ ପଠାଇବାକୁ ଜିଲାପାଳଙ୍କୁ ଚିଠି**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶାବେରୀ ଛାତ୍ରୀନିବାସ ଶୌଚାଳୟ କୋଠା ଭୁଶୁଡ଼ିବା ଘଟଣାକୁ ଚାରିଦିନ ବିତିଛି। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଇଣ୍ଟରନାଲ କମିଟି ଗଠନ କରାଯାଇ ସମସ୍ତ କୋଠାର ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। କିନ୍ତୁ ଏଯାଏ ଘଟଣାର ଯାଞ୍ଚ ଆରମ୍ଭ ହୋଇ ନ ଥିବା ଜଣାପଡିଛି । ତେବେ ଘଟଣା ଯାଞ୍ଚ ପାଇଁ କମିଟିକୁ ୧୦ ଦିନ ସମୟ ଦିଆଯାଇଥିବା ବେଳେ ଏବେ ନିର୍ଦ୍ଦେଶନାମାର ୩ଦିନ ବିତିଛି । ଫଳରେ ଆଉ ୭ ଦିନ ମଧ୍ୟରେ କମିଟିର ଠିକ୍ ଯାଞ୍ଚକୁ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ହଷ୍ଟେଲ କୋଠା ସ୍ଥିତି ଯାଞ୍ଚ ଓ ଭୁଶୁଡିଥିବା କୋଠାର ତଦନ୍ତ ପାଇଁ ସ୍ୱତନ୍ତ୍ର ବୈଷୟିକ ଟିମ୍ ପଠାଇବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ସୋମବାର ଚିଠି ପଠାଇଛନ୍ତି । ଟିମ୍ ଆସିବା ପରେ ଭଙ୍ଗା କୋଠା ସମେତ ଅନ୍ୟ କୋଠା ସ୍ଥିତି ପରଖାଯିବ ବୋଲି କୁଳସଚିବ ରଞ୍ଜନ ବିଶ୍ୱାଳ କହିଛନ୍ତି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗଠାରୁ ଆରମ୍ଭ କ୍ୱାର୍ଟର୍ସ, ସମସ୍ତ ୧୪ ହଷ୍ଟେଲର ଅବସ୍ଥା ବର୍ତ୍ତମାନ ଶୋଚନୀୟ ରହିଛି । ତେବେ ଶାବେରୀ ଛାତ୍ରୀନିବାସର କୋଠା ଭୁଶୁଡିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆଖି ଖୋଲିଥିଲେ ମଧ ହଷ୍ଟେଲ, କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀଙ୍କ ସୁରକ୍ଷା ଓ କୋଠାର ଯାଞ୍ଚ ପ୍ରକିୟା ଆରମ୍ଭ ହୋଇ ନ ଥିବାରୁ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ମାତ୍ର କିଛି ଦିନ ପରେ ସ୍ନାତକୋତ୍ତର ବିଭିନ୍ନ ବିଭାଗ ପାଇଁ ନାମଲେଖା ଆରମ୍ଭ ହେବାକୁ ଥିବା ବେଳେ ନୂତନ ଛାତ୍ରୀଛାତ୍ର ଆସିବା ପୂର୍ବରୁ କେତେକ ପଦକ୍ଷେପ ନିଆଯିବା ନେଇ ହଷ୍ଟେଲ ୱାର୍ଡେନ ପ୍ରଫେସର ଭାଗୀରଥି ପାଣିଗ୍ରାହୀ କୁଳସଚିବଙ୍କ ସହ ଆଲୋଚନା କରିଥିବା ଜଣାପଡିଛି । ତେବେ ନୂତନ ଛାତ୍ରୀଛାତ୍ରଙ୍କ ନାମଲେଖା ଓ କ୍ଲାସ ଆରମ୍ଭ ପୂର୍ବରୁ କୋଠାଗୁଡିକର ଯାଞ୍ଚ ଓ ନିର୍ମାଣ ପ୍ରକ୍ରିୟା ଆରମ୍ଭକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ନୂତନ ଛାତ୍ରୀଛାତ୍ର ଚଳିତ ବର୍ଷଠାରୁ ହଷ୍ଟେଲରେ ରହିବାରୁ ବଞ୍ଚିତ ହେବା ମଧ ସ୍ପଷ୍ଟ ହେଉଛି। ପୁନର୍ବାର ଅଘଟଣ ଘଟିବା ପୂର୍ବରୁ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ସହ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ହଷ୍ଟେଲରୁ ଛାତ୍ରୀଛାତ୍ରଙ୍କୁ ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ଶାବେରୀ ଛାତ୍ରୀନିବାସର ୩ ମହଲା ବିଶିଷ୍ଟ ଶୌଚାଳୟ କୋଠା ଭୁଶୁଡି ପଡିଥିଲା ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଜୁଲାଇ ୩୦/୨୦୧୯ Berhampur, Tuesday, July 30/2019

## ସଂକ୍ଷେପରେ

### କୁକୁଡ଼ାଖଣ୍ଡି ବ୍ଲକରେ ଜବରଦଖଲ ଉଚ୍ଛେଦ

କୁକୁଡ଼ାଖଣ୍ଡି,୨୯।୭(ଡି.ଏନ.ଏ.)- କୁକୁଡ଼ାଖଣ୍ଡି ବ୍ଲକ ଲୋଚାପଡ଼ା ପଞ୍ଚାୟତ ରାମକୃଷ୍ଣ ନଗର ଦ୍ୱିତୀୟ ଓ ତୃତୀୟ ଗଳିରେ ସୋମବାର ଜବରଦଖଲ ଉଚ୍ଛେଦ ହୋଇଛି। କୁକୁଡ଼ାଖଣ୍ଡି ତହସିଲଦାର ସୁବାସ ଚନ୍ଦ୍ର ରାଉତ ଏବଂ ଆଙ୍କୁଶପୁର ସଦର ଥାନାଧିକାରୀ ଭାବାନନ୍ଦ ପ୍ରଧାନ ସଦଳବଳ ଉପସ୍ଥିତରେ ଏହି ଉଚ୍ଛେଦ ହୋଇଥିଲା। ବହୁବର୍ଷ ଧରି ସରକାରୀ ଜାଗାରେ ଘର ଏବଂ ପାଚେରି କରି ସେହି ଅଞ୍ଚଳର କିଛି ବାସିନ୍ଦା ନିଜ ଅକ୍ତିଆର କରି ରଖିଥିଲେ। ଏ ନେଇ ସ୍ଥାନୀୟବାସୀ କୁକୁଡ଼ାଖଣ୍ଡି ତହସିଲ ଏବଂ ବ୍ରହ୍ମପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଏହି ଅଭିଯୋଗ ହୋଇଥିଲା। କିନ୍ତୁ ଆଗକୁ ନିର୍ବାଚନ ଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିଲା। ନିର୍ବାଚନର ଫଳାଫଳ ପରେ ଜବରଦଖଲ ହୋଇଥିବା ଅନୁସନ୍ଧାନ ପ୍ରଶାସନ ତରଫରୁ ହୋଇଥିଲା। ଅଭିଯୋଗ ସତ୍ୟତା ଥିବାରୁ ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ କୁକୁଡ଼ାଖଣ୍ଡି ତହସିଲଦାର ସୋମବାର ଏହି ଜବରଦଖଲ ଉଚ୍ଛେଦ କରିଛନ୍ତି। ବ୍ଲକର ସମସ୍ତ ପଞ୍ଚାୟତ ଗୁଡ଼ିକରେ ସରକାରୀ ଜମି ଅଳ୍ପ ବହୁତ ଜବର ଦଖଲରେ ରହିଛି, କିନ୍ତୁ ଅଭିଯୋଗ ଆସିଲେ ହିଁ ପ୍ରଶାସନ ଉଚ୍ଛେଦ କରୁଛି ବୋଲି ଲୋକେ କହୁଛନ୍ତି।

### ସାମାଜିକ ସମୀକ୍ଷା, ଗ୍ରାମସଭା

ଧରାକୋଟ,୨୯।୭(ଡି.ଏନ.ଏ.)- ଧରାକୋଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ସମୀକ୍ଷା ଓ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ସରପଞ୍ଚ ଅଞ୍ଜଳି ସ୍ୱାଇଁ, ନାଏବ ସରପଞ୍ଚ ପଞ୍ଚାନନ ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ, ଜିଆର୍‌ଏସ୍ ମହେନ୍ଦ୍ର ପାତ୍ର, ଯୋଗାଣ ସହାୟକ ଗୋପାଳ ହରିଗୌଡ଼, ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ୨୦୧୮-୧୯ ଆର୍ଥିକ ବର୍ଷର ବିଭିନ୍ନ କାର୍ଯ୍ୟ ଯଥା ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ଅନ୍ନପୂର୍ଣ୍ଣା ଯୋଜନା, ପଥପାର୍ଶ୍ୱ ବନୀକରଣ, ଗୋରୁ ଗୁହାଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଯୋଜନା ଆଦି କାର୍ଯ୍ୟର ଅଗ୍ରଗତି ଓ କେତୋଟି କାର୍ଯ୍ୟର ସମ୍ପୂର୍ଣ୍ଣ ହୋଇଥିବା ସେ ନେଇ ଉପସ୍ଥିତ ସମସ୍ତ ୱାର୍ଡସଭ୍ୟ ଓ ଗ୍ରାମବାସୀ ବୈଠକରେ ମତାମତ ରଖିଥିଲେ। ଗ୍ରାମ୍ୟ ମାନବ ସମ୍ବଳ କର୍ମୀ ମିତା ବିଶୋଇ, ରିକି ଗୌଡ଼ ଓ ମୁନି ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କୃଷକ ତାଲିମ ଶିବିର

ବୁଗୁଡ଼ା,୨୯।୭(ଡି.ଏନ.ଏ.)-କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ବୁଗୁଡ଼ା ତରଫରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ୨୦୧୯-୨୦ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଫଲ ଆର୍ମ ୱାର୍ମ ଚିହ୍ନଟ ଓ ପରିଚାଳନା ପାଇଁ ସୋମବାର ସ୍ଥାନୀୟ କୃଷି କାର୍ଯ୍ୟାଳୟ ସଭାଗୃହରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଭଞ୍ଜନଗର ଜିଲା କୃଷି ଅଧିକାରୀ ଅର୍ଜୁନ ବିଷୋୟୀ ଯୋଗଦେଇ ମକା ଫସଲରେ ଦେଖା ଦେଇଥିବା ଫଲ ଆର୍ମ ୱାର୍ମ କୀଟର ପ୍ରାଦୁର୍ଭାବ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବୁଗୁଡ଼ା ସହ କୃଷି ଅଧିକାରୀ ନୀହାର ରଞ୍ଜନ ପୃଷ୍ଟି, ବାଲିପଦର ସହ କୃଷି ଅଧିକାରୀ ସ୍ୱାଗତିକା ପତି ଯୋଗଦେଇଥିଲେ। ଅଧିକାରୀମାନେ ଉପଯୁକ୍ତ ମାତ୍ରାରେ କୀଟନାଶକ ପ୍ରୟୋଗ, ଭୌତିକ ଓ ଜୈବିକ ଉପାୟରେ କୀଟ ନିୟନ୍ତ୍ରଣ ପ୍ରଣାଳୀ ଉପରେ ଚାଷୀମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମ୍ୟ କୃଷି କର୍ମଚାରୀ ଅଶୋକ ସେଠୀ, ଅଜୟ କୁମାର ସାହୁ, ସନାତନ ଦାସ, କେ. ଶ୍ରୀକାନ୍ତ ପାତ୍ର, ଅରୁଣ କୁମାର ସାହୁ ସହଯୋଗ କରିଥିଲେ।

# ତଦାରଖ କଲେ ଖଲ୍ଲିକୋଟ ବ୍ଲକ ଟିମ୍

## ପାଇଖାନା ବ୍ୟବହାର ପ୍ରସଙ୍ଗ

ଛତ୍ରପୁର, ୨୯।୭ (ଡି.ଏନ.ଏ.)



ତଥ୍ୟ ସଂଗ୍ରହ କରିବାକୁ ଆସିଥିବା ଟିମ୍।

ଗଞ୍ଜାମ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଖଲ୍ଲିକୋଟ ପଞ୍ଚାୟତ ସମିତିର ଏକ ଟିମ୍ ଛତ୍ରପୁର ବ୍ଲକର ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି। ପ୍ରତ୍ୟେକ ଘରେ ପାଇଖାନା ନିର୍ମାଣ ହୋଇଛି କି ନାହିଁ, ଯଦି ଅଛି ଏହା ବ୍ୟବହାର ହେଉଛି କି ନାହିଁ, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଟିମ୍ ୨ ଭାଗରେ ବିଭକ୍ତ ହୋଇ ଛତ୍ରପୁର ବ୍ଲକର ବିଭିନ୍ନ ଗାଁ ବୁଲି ବିଭିନ୍ନ ଘରକୁ ଯାଇ ଦେଖିଥିଲେ। ବାହ୍ୟ ମଳମୁକ୍ତ ପଞ୍ଚାୟତର ତଦାରଖ ଏହି ଟିମ୍ ସଦସ୍ୟମାନେ କରିଥିଲେ। ଟିମ୍‌ରେ ଖଲ୍ଲିକୋଟ ପଞ୍ଚାୟତ ସମିତି ଅଧୀନ ଡିମିରିଆ ସରପଞ୍ଚ ମନୋଜ ଗୌଡ, କଇରାଶି ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ, ଏମ୍‌ବିକେ ମାଧୁରୀ ସାହୁ, ଭାନୁମତୀ ରାଜଗୁରୁ, ସୁନୀତା ପ୍ରଧାନ, ସାଗରିକା ନାହାକ, କନିଷ୍ଠ ଯନ୍ତ୍ରୀ ଏସ୍.ଭୀମା ରାଓ, ବିଏଲ୍‌ସି ନରେନ୍ଦ୍ର ତ୍ରିପାଠୀ ରହିଥିଲେ। ଯାଞ୍ଚ ବେଳେ ଛତ୍ରପୁର ବ୍ଲକ ଅଧୀନ ବିପୁଲିଙ୍ଗି ସମିତିସଭ୍ୟ ଜୟଦେବ ଲେଙ୍କା, ମହାନାଦପୁର ସମିତିସଭ୍ୟ ଅଶୋକ ପାଣିଗ୍ରାହୀ ଓ ସରପଞ୍ଚ ରୁନିତା ବେହେରା, ମହାନାଦପୁର ମହିଳା ମହାସଂଘର ଶକୁନ୍ତଳା ପାତ୍ର, ବିପୁଲିଙ୍ଗି ମହିଳା ମହାସଂଘର ଜି. ଲକ୍ଷ୍ମୀ ରେଡ୍ଡୀ, କନିଷ୍ଠ ଯନ୍ତ୍ରୀ ମଳୟ ନାୟକ, ଶଶାଙ୍କ ଶେଖର ପାଢୀ ଓ ରଶ୍ମିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛତ୍ରପୁର ବ୍ଲକର ବିଭିନ୍ନ ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲରେ ଥିବା ପାଇଖାନା ଗୁଡିକର ବ୍ୟବହାର ହେଉଛି କି ନାହିଁ ତାର ମଧ୍ୟ ତଦାରଖ କରି ଟିମ୍ ସନ୍ତୋଷବ୍ୟକ୍ତ କରିଥିଲେ। ଛତ୍ରପୁର ବ୍ଲକର ୪୨ ଗାଁକୁ ବାହ୍ୟମଳମୁକ୍ତ ଘୋଷଣା କରିବାକୁ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଜରିଆରେ ଏହି ଟିମ୍‌ଙ୍କ ପକ୍ଷରୁ ଜିଲାପାଳଙ୍କୁ ସୁପାରିଶ କରାଯାଇଛି।

## କାର୍ ଓଲଟିଲା, ଗଞ୍ଜେଇ ବୋହିନେଲେ ଲୋକେ



ଦୁର୍ଘଟଣାଗ୍ରସ୍ତ କାର୍।

**ଶଙ୍କରାଖୋଲ,୨୯।୭(ଡି.ଏନ୍.ଏ.)** ଟିକାବାଲି ଥାନା (ଏଲ୍) ବପଲମେଣ୍ଡି ପଞ୍ଚାୟତ ନିକଟ ପାନାବାଡି ଗ୍ରାମ ବୁଲାଣିରେ ସୋମବାର ସକାଳ ପ୍ରାୟ ୯ଟାରେ ଏକ କାର (ନଂ.ଡବ୍ଲୁବି୦୬ବି-୦୮୫୯) ଭାରସାମ୍ୟ ହରାଇ ୨୦ଫୁଟ ତଳକୁ ଓଲଡି ପଡିଥିଲା। କାର୍‌ରେ ଥିବା ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ଲୋକେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଦେଖିବାକୁ ଯାଇଥିଲେ। କାର୍ ଭିତରେ ଗଞ୍ଜେଇ ପ୍ୟାକେଟ ଭର୍ତ୍ତି ହୋଇଥିବା ଦେଖି ଲୋକେ ବୋହିନେଇଥିଲେ। ଖବର ପାଇ ଲାଇନପଡା ଫାଣ୍ଡି ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପହଞ୍ଚି ତଦନ୍ତ କରି ଫେରିଥିଲେ।

## ଧରାକୋଟ ବିଡିଓଙ୍କୁ ଆକ୍ରମଣ ଉଦ୍ୟମ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବି କଲା ଜିଲା ଓଏଏସ୍ ସଂଘ



ବୈଠକରେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଛତ୍ରପୁର,୨୯।୭(ଡି.ଏନ.ଏ)**

ଧରାକୋଟ ବିଡିଓଙ୍କୁ ଗତ ୨୪ ତାରିଖରେ ତାଙ୍କ କାର୍ଯ୍ୟାଳୟ ଓ ଘରେ ପଶି କେତେକ ଅସାମାଜିକ ବ୍ୟକ୍ତି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏଥିସହ ତାଙ୍କୁ ଆକ୍ରମଣ ପାଇଁ ଉଦ୍ୟମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ଛତ୍ରପୁରସ୍ଥିତ ସର୍କିଟ ହାଉସରେ ଗଞ୍ଜାମ ଜିଲା ଓଏଏସ୍ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଂଘ ସଭାପତି ତଥା ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସଂଘ ପକ୍ଷରୁ ଏହି ଘଟଣାର ପ୍ରତିବାଦ କରାଯିବା ସହ ଏହାକୁ ତୀବ୍ର ନିନ୍ଦା କରାଯାଇଥିଲା। ଏଥିସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ପୋଲିସ ଗିରଫ କରିବା ସହ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା। ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟ ଓ ଘରେ ସୁରକ୍ଷା ଯୋଗାଇଦେବା ସହ ବ୍ଲକରେ କିଭଳି ଶାନ୍ତି ଶୃଙ୍ଖଳା ବଜାୟ ରହିବ ସେ ନେଇ ସଂଘ ପକ୍ଷରୁ ଦାବି ହୋଇଛି। ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ , ଡେପୁଟି କଲେକ୍ଟର (ରାଜସ୍ୱ) ଦିବ୍ୟ ଲୋଚନ ମହନ୍ତ, ସଂଘ ସମ୍ପାଦକ ତଥା ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ଡୁଡା ପିଡି ସବ୍ୟସାଚୀ ହୋତା, ଡେପୁଟି ସବ୍‌କଲେକ୍ଟର ସଚ୍ଚିଦାନନ୍ଦ ନାୟକ, ଡେପୁଟି କଲେକ୍ଟର (ନିର୍ବାଚନ) ବିଜୟାନନ୍ଦ ସେଠୀ, ଛତ୍ରପୁର ତହସିଲଦାର ନୀଳମାଧବ ଭୋଇଙ୍କ ସମେତ ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

## ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଭିଡିଓ କନଫରେନ୍ସିଂ

# ଦ୍ୱିତୀୟ ପୃଥିବୀ ସନ୍ଧାନରେ ଦିଆଗଲା ସୂଚନା

ଛତ୍ରପୁର,୨୯।୭(ଡି.ଏନ.ଏ.)



ଛାତ୍ରୀମାନେ ଉପସ୍ଥିତ ଅଛନ୍ତି।

ବ୍ରିଟିଶ ବୈଜ୍ଞାନିକ ଗବେଷଣା କେନ୍ଦ୍ର ପକ୍ଷରୁ ମହାକାଶରେ ଦ୍ୱିତୀୟ ପୃଥିବୀ ସନ୍ଧାନ କରାଯାଇଥିବା କୁହାଯାଉଛି। ଏହା ଉପରେ କେନ୍ଦ୍ର ବୈଜ୍ଞାନିକ ତଥା ପ୍ରଫେସର ଲୁଇସ୍ ଭିଡିଓ କନଫରେନ୍ସି ଜରିଆରେ ଗଞ୍ଜାମ ଜିଲାର ସ୍କୁଲ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରଙ୍କର ଏହା ଉପରେ ଥିବା ବିଭିନ୍ନ ସନ୍ଦେହ ଦୂର କରାଯାଇଥିଲା। ସନ୍ଧାନ ହୋଇଥିବା ଦ୍ୱିତୀୟ ପୃଥିବୀରେ ପାଣି ଅଛି କି ନାହିଁ ସେ ସମ୍ପର୍କରେ ଅନସ୍ଲୋ ସରକାରୀ ହାଇସ୍କୁଲ ଛାତ୍ର ପଦ୍ମନାଭ ଦଣ୍ଡ ପ୍ରଶ୍ନ କରିଥିଲେ। ଏହାର ସମ୍ଭାବନା ଥିବା କୁହାଯାଇଥିଲା। କେନ୍ଦ୍ର ପକ୍ଷରୁ ହୋଇଥିବା ଗବେଷଣା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେଠାରେ ନାଇଟ୍ରୋଜେନ, ଅକ୍ସିଜେନ୍ ଓ ହାଇଡ୍ରୋଜେନ୍ ରହିଛି। ଦ୍ୱିତୀୟ ପୃଥିବୀରେ ଜୀବର ସତ୍ତା ଅଛି କି ନାହିଁ ସେ ଉପରେ ଗବେଷଣା ଚାଲିଥିବା ସୂଚନା ଦିଆଯାଇଛି। ମୋ ସ୍କୁଲ ଅଭିଯାନରେ ଛାତ୍ରୀଛାତ୍ରମାନଙ୍କୁ ଏହି ଇ-ଶିକ୍ଷା ପ୍ରଦାନ କରାଯାଇଛି। ଏଥିରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ଅନସ୍ଲୋ ସରକାରୀ ହାଇସ୍କୁଲ ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତିଙ୍କ ସମେତ ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ, ବାଳିକା ହାଇସ୍କୁଲ, ଓଡିଶା ଆଦର୍ଶ ବିଦ୍ୟାଳୟ ଓ ବ୍ରହ୍ମପୁର ଭି.ଭି. ଗିରି ସ୍କୁଲର ୯ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

# ରଜତ ଜୟନ୍ତୀ ସମାରୋହ ସ୍ମାରକୀସ୍ତମ୍ଭ ଉଦ୍‌ଘାଟିତ

ଛତ୍ରପୁର,୨୯।୭(ଡି.ଏନ.ଏ.)- ଛତ୍ରପୁର ଶ୍ରୀରାମନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରଜତ ଜୟନ୍ତୀ ସମାରୋହ ସ୍ମାରକୀସ୍ତମ୍ଭ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତି ସଭାପତି ଡ. ବିନାୟକ ଦାଶ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ରଜନୀକାନ୍ତ ପଟ୍ଟନାୟକ, ସମ୍ପାଦକ ଟି.ଭେଙ୍କଟ କ୍ରିଷ୍ଣାୟା, ଉପସଭାପତି ପଦ୍ମ ଚରଣ ସାହୁ, କୋଷାଧ୍ୟକ୍ଷ ଏ. ରାବଣା ରାଓ, ସଦସ୍ୟା ବିଜୟଲକ୍ଷ୍ମୀ ରଥ, ପୂର୍ବତନ ସମ୍ପାଦକ ଡ.ଦୁର୍ଯ୍ୟୋଧନ ସେଠୀ ଓ ସନ୍ତୋଷ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁଜୀ ମନୋରଞ୍ଜନ ଦାଶ ଓ କୈଳାସ ଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ହୋମ ଓ ଯଜ୍ଞ ହୋଇଥିଲା। ପରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ

**ଆସିକା,୨୯।୭(ଡି.ଏନ୍.ଏ)**

ଆସିକା ଏନ୍‌ଏସିର ବାଣୀବିହାର ନିକଟସ୍ଥ ଜଳଯୋଗାଣ କାର୍ଯ୍ୟାଳୟ ସଂଲଗ୍ନ ଏକ ଅର୍ଦ୍ଧନିର୍ମିତ କୋଠା ଓ ରାସ୍ତାକଡର ଜବରଦଖଲକୁ ଏନ୍‌ଏସି ପକ୍ଷରୁ ଗତ ୪ ଦିନ ପୂର୍ବେ ଉଚ୍ଛେଦ ଆରମ୍ଭ କରାଯାଇଥିଲା। ଏ ନେଇ ଆସିକା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ସୋମବାର ସଂଘର ସଭାପତି ଗଣେଶ ରଥଙ୍କ ନେତୃତ୍ୱରେ ସଦସ୍ୟମାନେ ଆସିକା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବି ପତ୍ରରେ ଉଚ୍ଛେଦ କରାଯାଇଥିବା ଉକ୍ତ ଗୃହ ସଂଘ ପକ୍ଷରୁ କାର୍ଯ୍ୟାଳୟ ଲାଗି ଅକ୍ତିଆରରେ ରଖାଯାଇଥିବା ଦର୍ଶାଯାଇଥିବା ବେଳେ ଫୁଟପାଥ ବ୍ୟବସାୟୀଙ୍କୁ ଉଚ୍ଛେଦ ପରେ ବିଧିବଦ୍ଧ ଥଇଥାନ ଲାଗି ଦାବି କରାଯାଇଛି। କର୍ତ୍ତୃପକ୍ଷ ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ ନ କଲେ କର୍ମଚାରୀମାନେ ଏନ୍‌ଏସି ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ସଂଘର ସଦସ୍ୟଙ୍କ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡାଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ କହିଛନ୍ତି ଭଙ୍ଗାଯାଇଥିବା ଅର୍ଦ୍ଧାନିର୍ମିତ ଗୃହ ବିପଦ ସଂକୁଳ ଅବସ୍ଥାରେ ଥିଲା। ଏନ୍‌ଏସି ପକ୍ଷରୁ ଆସିକା ସହରର ବରିଷ୍ଠ ନାଗରିକଙ୍କ ପାଇଁ ସମ୍ପୃକ୍ତ ସ୍ଥାନରେ ଏକ ଅତ୍ୟାଧୁନିକ ଚିତ୍ତବିନୋଦନ କେନ୍ଦ୍ର ଓ ତତସଂଲଗ୍ନ ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର ସ୍ଥାପନ କରାଯିବ। ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ଅଧିକାରୀ କହିଛନ୍ତି। ଏହାଛଡା ସମ୍ପୃକ୍ତ ରାସ୍ତାରେ ଗମନା ଗମନକୁ ସୁଗମ କରିବା ଲାଗି ଉଠା ଦୋକାନୀଙ୍କୁ ଉଠାଇ ରାସ୍ତାକୁ ଚଉଡା କରାଯିବ ଓ ଦୋକାନୀଙ୍କୁ ଅନ୍ୟତ୍ର ଭେଣ୍ଡିଂ ଜୋନରେ ଥଇଥାନ ଲାଗି ପଦକ୍ଷେପ ନିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି।

## ଖୋଲଖାଲି, ପାଙ୍ଗିଡ଼ି ପଞ୍ଚାୟତରେ ଉଜ୍ଜ୍ୱଳା କାର୍ଯ୍ୟକ୍ରମ

ବୁଗୁଡ଼ା,୨୯।୭(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଖୋଲଖାଲି ଓ ପାଙ୍ଗିଡ଼ି ପଞ୍ଚାୟତରେ ରବିବାର ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ନୂତନ ମହିଳା ହିତାଧିକାରୀଙ୍କୁ ମାଗଣାରେ ଗ୍ୟାସଚୁଲା, ହାଣ୍ଡି ଓ ଅନ୍ୟାନ୍ୟ ସରଞ୍ଜାମ ଯୋଗାଇ ଦିଆଯାଇଥିଲା। ଏଥିସହ ହିତାଧିକାରୀଙ୍କୁ ଗ୍ୟାସ ଇନ୍ଧନର ନିରାପତ୍ତା ଓ ଜାଳେଣି ସମ୍ପର୍କରେ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ଏମ୍. ଆଶିଷ କୁମାର ଦୋରା ପରିଚାଳନା କରିଥିବା ବେଳେ ଏଥିରେ ଖୋଲଖାଲି ସରପଞ୍ଚ ସୂର୍ଯ୍ୟମଣି ଗୌଡ଼, ଯୁବନେତା କାର୍ତ୍ତିକ କୁମାର ମଙ୍ଗାଳ ଓ ଉଜ୍ଜ୍ୱଳା ଦିଦିମାନେ ଯୋଗ ଦେଇଥିଲେ ।

# ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ



ଭାଜପା ନେତାମାନେ ଉପସ୍ଥିତ ଅଛନ୍ତି।

ଛତ୍ରପୁର,୨୯।୭(ଡି.ଏନ.ଏ.)

ଛତ୍ରପୁର ପୁଡିଗୋପାଳପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ପ୍ରଶାନ୍ତ କର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଦସ୍ୟତା ସହ ପ୍ରଭାରୀ ତଥା ପୂର୍ବତନ ସଂଗଠନ ସମ୍ପାଦକ ଶାରଦା ଶତପଥୀ, ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା, ଜିଲା ସଭାପତି କାହ୍ନୁ ଚରଣ ପତି, ଜିଲା ସଦସ୍ୟତା ସଂଯୋଜକ ରାଜେଶ କୁମାର ସାହୁ, ଜିଲା ସଦସ୍ୟତା ସହ ସଂଯୋଜକ ମଦନ ମୋହନ ପାତ୍ର, ଜିଲା ସାଧାରଣ ସମ୍ପାଦକ ଗୋପୀନାଥ ସାହୁ ପ୍ରମୁଖ ଯୋଗଦେଇ ଛତ୍ରପୁର ନିର୍ବାଚନମଣ୍ଡଳୀରେ ସଭ୍ୟ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ବିଷୟରେ ବିସ୍ତୃତ ଭାବେ କହିଥିଲେ। ଛତ୍ରପୁର ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଭାଜପା ବିଭିନ୍ନ ମହଲରେ ଦାବି କରି କାର୍ଯ୍ୟ ହାସଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଜିଲା ହରିଜନ ମୋର୍ଚ୍ଚାର ସଭାପତି ଚୈତନ୍ୟ ପ୍ରଧାନ, ପୂର୍ବତନ ନଗରପାଳ ବସନ୍ତ ବେହେରା, ବିଜୟ କୁମାର ମୁଦୁଲି, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସେଠୀ, ଡି.କେ. ରାଓ, ସନ୍ତୋଷ ରାଉଳ, ଡି ସୁରେଶ ରେଡ୍ଡୀ, ଜି. ମନୋଜ କୁମାର ରେଡ୍ଡୀ, କେ. ରଘୁନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ